## ସଂକ୍ଷେପରେ

# ବିଜେପି ବିଧାୟକଙ୍କ ନାଁରେ ଚାର୍ଜଶିଟ୍

ଲକ୍ଷ୍ନୌ,୧୧।୭/ଏଜେନ୍ସି: ବହୁଚର୍ଚ୍ଚିତ ଉତ୍ତର ପ୍ରଦେଶ ଉନ୍ନାଓ ଦୁଷ୍କର୍ମ ମାମଲାରେ ଆଜି ସିବିଆଇ ବିଜେପି ବିଧାୟକ କୁଲଦୀପ ସିଂହ ସେନଗାରଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ପୂର୍ବରୁ ସିବିଆଇ ତାଙ୍କୁ ଏହି ମାମଲାରେ ଗିରଫ କରିଥିଲା। ଚାର୍ଜଶିଟ୍‌ରେ ସିବିଆଇ କୁଲଦୀପଙ୍କ ବ୍ୟତୀତ ତାଙ୍କ ସହଯୋଗୀ ଶଶି ସିଂହଙ୍କୁ ଅଭିଯୁକ୍ତ ଦର୍ଶାଇଛି। କୁଲଦୀପଙ୍କ ନାଁରେ ସିବିଆଇ ଅପହରଣ, ଅପରାଧିକ ଷଡ଼ଯନ୍ତ୍ର, ଧମକ ଓ ଦୁଷ୍କର୍ମ ଭଳି ଦଫା ଲଗାଇଛି। ଏଥିସହ ପକସୋ ଆଇନ୍‌ରେ ମଧ୍ୟ କୁଲଦୀପଙ୍କ ନାଁରେ ମାମଲା ରୁଜୁ ହୋଇଛି। ଶନିବାର ଉନ୍ନାଓ ପୀଡ଼ିତାଙ୍କ ବାପାଙ୍କ ମୃତ୍ୟୁ ଘଟଣାରେ ସିବିଆଇ ୫ ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।

# ୨ ନକ୍ସଲ ନିହତ

ସୁକମା,୧୧।୭/ଏଜେନ୍ସି: ଛତିଶଗଡ଼ର ସୁକମା ଜିଲ୍ଲାରେ ଆଜି ସୁରକ୍ଷାକର୍ମୀ ଓ ନକ୍ସଲଙ୍କ ମଧ୍ୟରେ ଏନ୍‌କାଉଣ୍ଟର ଘଟିଛି। ଏଥିରେ ୨ ଜଣ ନକ୍ସଲ ନିହତ ହୋଇଥିବା ବେଳେ ଜଣେ ଯବାନ ଆହତ ହୋଇଛନ୍ତି। ଆଜି ସକାଳେ ଜିଲ୍ଲା ରିଜର୍ଭ ଗାର୍ଡ(ଡିଜିଆର୍)ର ଯବାନମାନେ ମିନାପା ଗାଁରେ ନକ୍ସଲ ବିରୋଧୀ ଅଭିଯାନ ଚଳାଇଥିବା ବେଳେ ଏନ୍‌କାଉଣ୍ଟର ଆରମ୍ଭ ହୋଇଥିଲା। ଦୀର୍ଘ ସମୟଧରି ଚାଲିଥିବା ଏହି ଏନକାଉଣ୍ଟରରେ ପରେ ଜଙ୍ଗଲ ମଧ୍ୟରେ ସର୍ଚ୍ଚ ଅପରେସନ୍ କରାଯାଇ-ଥିଲା। ଏହି ସମୟରେ ଜଙ୍ଗଲ ମଧ୍ୟରୁ ୨ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର ହୋଇଛି। ସେମାନଙ୍କ ନିକଟରୁ ବନ୍ଧୁକ ଓ ବିପୁଳ ବିସ୍ଫୋରକ ଜବତ ହୋଇଛି। ଏବେ ବି ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି।

# କୁପଓ୍ୱାଡାରେ ଯବାନ ସହିଦ

ଶ୍ରୀନଗର,୧୧।୭/ଏଜେନ୍ସି: ଉତ୍ତର କଶ୍ମୀରର କୁପଓ୍ୱାଡାରେ ଆଜି ଆତଙ୍କବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଜଣେ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଆଜି କାଣ୍ଡିର ସାଦୁ ଗଙ୍ଗା ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଚାଲିଥିବା ବେଳେ ଆତଙ୍କବାଦୀମାନେ ସୁରକ୍ଷାକର୍ମୀଙ୍କ ଟାର୍ଗେଟ କରି ଗୁଳିମାଡ଼ କରିଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଦୃଢ଼ ଜବାବ ଦିଆଯାଇଥିଲା। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟଧରି ଗୁଳି ବିନିମୟ ଚାଲିଥିଲା। ଏହି ଗୁଳି ବିନିମୟ ସମୟରେ ୪ ପାରାର ସିପାହୀ ମୁକୁଲ ମୀନା ଓ ଆଉ ଜଣେ ଯବାନ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଦ୍ରୁଗମୁଲ୍ଲାସ୍ଥିତ ସେନା ହସ୍ପିଟାଲ୍‌କୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ।